ଛୁନୁର ଛବିତା ବହି

ଦାଶ ବେନହୁର

Digitized by srujanika@gmail.com

ଛୁନୁର ଛବିତା ବହି

ଦାଶ ବେନହୁର

ସନ୍ତୋଷ
ପବ୍ଲିକେଶନ୍ସ

କାଞ୍ଚନ
ଗଜପତି ନଗର, ସୁତାହାଟ, କଟକ-୭୫୩୦୦୧

Digitized by srujanika@gmail.com

ଲେଖକ

ଦାଶ ବେନହୁର

କଥାକାର-୬ମ-୧୬୧, ଶୈଳଶ୍ରୀ ବିହାର,

ଭୁବନେଶ୍ୱର-୭୫୧୦୨୧

ପ୍ରକାଶକ

ସନ୍ତୋଷ ପବ୍ଲିକେଶନ୍ସ

କାଞ୍ଚନ

ଗଜପତି ନଗର, ସୂତାହାଟ, କଟକ-୭୫୩୦୦୧

ଟେଲିଫୋନ୍ : ୦୬୭୧-୨୪୨୫୬୭୦

ମୁଦ୍ରଣ

ଅନ୍ନପୂର୍ଣ୍ଣା ପ୍ରିଣ୍ଟର୍ସ

ଗୋସାଣିନୂଆଗାଁ, ବ୍ରହ୍ମପୁର-୭୬୦୦୦୩

ମୋବାଇଲ-୯୮୬୧୦୧୧୩୫୬

ପ୍ରଥମ ପ୍ରକାଶ

୨୦୧୨

ମୂଲ୍ୟ

ଚାଳିଶ ଟଙ୍କା

ISBN 978-81-86475-70-6

Digitized by srujanika@gmail.com

କଥା ପଦେ...

ପିଲାମାନଙ୍କପାଇଁ ଗୀତ ବେଶ୍ ଉପକାରୀ । ଭଲ ଗୀତଟିଏ ଖୁବ୍ ସରସତା ଭରିଦିଏ ଶିଶୁମନରେ । ଗୀତରେ ଥାଏ ବିଷୟବସ୍ତୁ, ପୁଣି ପଦକୁ ପଦ ମେଳ ଖାଉଥିବା ଛନ୍ଦ । ଏ ସବୁ ଯେତେବେଳେ ଛବି ସହ ମିଳିତ ହୁଏ ତାହା ବେଶ୍ ମନଛୁଆଁ ହୁଏ । ଗପରେ ସିନା ବିଷୟବସ୍ତୁ ସହ ଛବି ରହିପାରେ ହେଲେ ଛନ୍ଦ ଆସିବ କୁଆଡୁ ?

'ଛବିତା' ଶବ୍ଦଟିକୁ ଜାଣିଶୁଣି ପ୍ରୟୋଗ କରାଯାଇଛି ଏ ଗୀତ ସଂକଳନଟିରେ । ଆମର ଧାରଣା ସବୁ ପିଲା ଗୀତ ଲେଖିପାରନ୍ତୁ ବା ନ ପାରନ୍ତୁ ଛବି ନିଶ୍ଚୟ ଆଙ୍କି ପାରିବେ । ଗାର ତ ପକାଇ ପାରିବେ ? ଛବି ଅବିକଳ ନ ହୋଇପାରେ, ହେଲେ ସେଥିରୁ ନିଶ୍ଚୟ କିଛି ଅର୍ଥ ବାହାରିବ । ତେଣୁ ଗୀତଟିଏ ଲେଖି ବା କବିତାଟିଏ ଲେଖି ସେଇ ଅନୁସାରେ ଛବି ଆଙ୍କି ଯୋଡ଼ିଦେଲେ ତାହା ହେବ 'ଛବିତା' । ଏଇ ଚେଷ୍ଟାରେ ଅତୀତରେ ଏ ଲେଖକ ପିଲାମାନଙ୍କୁ ନେଇ ଛବିତାର ପରିକଳ୍ପନା କରିଥିଲା ।

ସେଇ କଥାକୁ ମନେ ପକାଇ ଏ ସଂକଳନଟି କରାଯାଇଛି । ଏଥିରେ ପ୍ରତି ଗୀତରେ ସିନା ଛବି ନାହିଁ, ହେଲେ ବିଷୟବସ୍ତୁ ଅଛି, ଛନ୍ଦ ଅଛି ।

ମୋର ଆଶା, ଗୀତଗୁଡ଼ିକ ପିଲାମାନଙ୍କର ମନ ଛୁଇଁବ ।

ଦାଶ ବେନହୁର

Digitized by srujanika@gmail.com

ଏଥିରେ ଅଛି...

କ୍ର.ସଂ	ଗୀତର ନାମ	ପୃଷ୍ଠା
୦୧.	ଢାଉଆ ଉପବାସ	୦୫
୦୨.	ଚଟୁମୁଣ୍ଡିଆ	୦୭
୦୩.	ଆମ ଟୁକନିକୁ ଦିଅ ଉଠେଇ	୦୮
୦୪.	ଠିକ୍ ଏଇ ବେଳରେ	୧୦
୦୫.	ଧପଡ଼ଧାଇଁ	୧୨
୦୬.	କାଚ ବୋତଲରେ ନାଲିଆ ଠିପି	୧୪
୦୭.	ଗିରିଡ଼ି ମାରିଲା ଚଉଦଗଡ଼ା	୧୬
୦୮.	ବଲ୍ ଗୋଟାକୁ ଛଅଟା ରନ୍	୧୮
୦୯.	ସାବାସ୍ ସୌରଭ	୨୧
୧୦.	ଲୁହ ନା ଫୁହ	୨୪
୧୧.	କାର୍‌ଗିଲ ଯାଉ କାଳିଆଘୋଡ଼ା	୨୬
୧୨.	ଟାଙ୍ଗରା ବାଙ୍ଗରା	୨୮
୧୩.	ଦୁଇ ଭାଗୁଆଳି ବେଲୁନ୍ ଏକ	୨୯
୧୪.	ଲେଖନ ଏବେ ଛାଡ଼	୩୧
୧୫.	ନ କର ଆଉ ରଡ଼ି	୩୪
୧୬.	କହରେ ଗୋପାଳ ଗୋପି	୩୭
୧୭.	ଥୁକୁଲୁ ଥାକୁଲୁ ଭାଲୁ	୩୯

Digitized by srujanika@gmail.com

ଜାଉଆ ଉପବାସ

ଖରାକୁ ଖରା
ଶୀତକୁ ଶୀତ
ହୋଇଛି ଜାଡ଼ ମାସ,
ଜାଗର ଲାଗି
ଜଗୁ ଭାଇନା
କରିଛି ଉପବାସ । ୧ ।

ପାଣି ନାଇଁ କି
ପଣା ବି ନାହିଁ
ପେଟଟା ସୁଦୁ ଖାଲି
ମନହେଉଛି
ଗିଳି ଦବାକୁ
ପଥର ଗୋଡ଼ି ବାଲି । ୨ ।

ସକାଳ ଗଲା
ଗଡ଼ିଲା ସଞ୍ଜ
ନ ହେଲା ରହି ଆଉ,
ଭୋକ ବିକଳେ
ଲୁଚେଇ ବସି
ଗିଳିଲା ନନା ଜାଉ । ୩ ।

Digitized by srujanika@gmail.com

କୋଉଠି ଥିଲା
ବବ୍‌ଲୁ ଟୋକା
ରଡ଼ିଲା ଦେଖି ଆସ,
ଜଗୁ ଭାଇନା
ପାଲୁଚି ବସି
ଜାଉଆ ଉପବାସ । ୪ ।

ମୁହଁ ଲୁଚେଇ
ଧାଇଁଲା ଜଗୁ
କରିବ ଆଉ କିସ,
ସେଇ ଦିନଠୁ
ଉପାସ କଥା
ମଣିଲା ସିଏ ବିଷ । ୫ ।

Digitized by srujanika@gmail.com

ଚଟୁ ମୁଣ୍ଡିଆ

ଚଟୁ ମୁଣ୍ଡିଆ,
ଚଟୁ ମୁଣ୍ଡିଆଟା
ଗୋଠ ଖଣ୍ଡିଆ ।
ବକର ବକର
ଭାଜଣା ହାଣ୍ଡି,
କଥାରେ କଥାରେ
ଦେଖାଏ ଫାଣ୍ଡି ।

ଫାଣ୍ଡି ଗଲା ଦିନେ
ଚଟୁ ମୁଣ୍ଡିଆ,
ଚେହେରା ଯେମନ୍ତ
ମଢ଼ା ଚଣ୍ଡିଆ ।

ଦାରୋଗା ବୋଇଲେ
କିଏ ଏଇଟା
ପିଠିରେ ତାହାର
ଦିଅ ଦିଇଟା ।

ସେଇ ଦିନୁ ଚଟୁ
ମୁଣ୍ଡିଆ ଭାଇ,
ଫାଣ୍ଡି କଥା ଆଉ
କହିଲା ନାହିଁ ।

❑

Digitized by srujanika@gmail.com

ଆମ ଟୁକୁନିକୁ ଦିଅ ଉଠେଇ

ପଟର ଉହାଡ଼େ
ଦେଉଳ ସେକଡ଼େ
କିଏରେ ଇଏ ?
ଜହ୍ନ ସିଏ
ଜହ୍ନ ସିଏ । ୧ ।

ଅନ୍ଧାର ଉହାଡ଼େ
ବଉଦ ସେକଡ଼େ
କିଏରେ ଇଏ ?
ଫୁକିଆ ସିଏ
ଫୁକିଆ ସିଏ । ୨ ।

ପାଚେରି ଉହାଡ଼େ
ପାହାଡ଼ ସେକଡ଼େ
କିଏରେ ଇଏ ?
ସୂର୍ଯ୍ୟ ସିଏ
ସୂର୍ଯ୍ୟ ସିଏ । ୩ ।

Digitized by srujanika@gmail.com

ପଣତ ଉହାଡ଼େ
ମଶାରି ସେକଡେ
କିଏ ଇଏ ?
ଟୁକୁନି ସିଏ
ଟୁକନି ସିଏ । ୪ ।

ଆମ ଟୁକୁନିକୁ ଦିଅ ଉଠେଇ
ତେଲ ପୁଟୁପୁଟୁ ଦିଅ ଲଗେଇ
ଗୀତ ଗାଇ ତାକୁ ଗାଧେଇଦିଅ
ମାମୁ ଘର ଆଜି ବୁଲେଇନିଅ
ଟୁକନି ଦବ ହସି ;
ଭାଲୁଆ କୁକୁର ପୁଷି ବିଲେଇ
ଗାଇବେ ଗୀତ ବସି । ୫ ।

❑

Digitized by srujanika@gmail.com

ଠିକ୍ ଏଇ ବେଳରେ

ମୂଷା ମୂଷୀ ଦୁଇଟି
ସାରି ସବୁ ପାଇଟି
ଦିନେ ଗଲେ
ବଜାରକୁ
ହାତେ ଧରି ଲାଇଟି ।୧।

ବଜାରରେ ଗହଳ
ହାଉଜାଉ ଚହଳ
ମୂଷା ମୂଷୀ
ମାଛ କିଣି
ଲେଉଟିଲେ ସହଳ ।୨।

ମୂଷୀ ବୋଲେ ମୂଷାକୁ
ଫେରିବା ଟି ବସାକୁ
ବେଗେ ବେଗେ
ଗୋଡ଼ପକା
ଡର ମୋର ଧୁସାକୁ ।୩।

Digitized by srujanika@gmail.com

ଠିକ୍ ଏଇ ବେଳରେ
ସାଙ୍ଗସାଥୀ ମେଳରେ
ଧୁସା ଦେଲା
ରଡ଼ିଟାଏ
ଥାଇ ଗଛ ଡାଳରେ । ୪ ।

ଧୂସା ଯଦି ଆସିବ
ମାଛ ତାକୁ ବାସିବ
ଆଉ କି ସେ
ଛାଡ଼ିଦେବ
ଧାଇଁ ମାଡ଼ି ବସିବ । ୫ ।

ମୂଷୀ ବୋଲେ ହେଇଟି
ମୂଷା ବୋଲେ ହେଇଟି
ମୂଷା ମୂଷୀ
ଦଉଡ଼ିଲେ
ମାଛ ଛାଡ଼ି ସେଇଠି । ୬ ।

Digitized by srujanika@gmail.com

ଧପଡ଼ଧାଇଁ

ମଠେଇ ନଈ,
ବାଙ୍କୀ ଯାଇଥିଲେ
ସେଦିନ ବାପା
ଆଣିଥିଲେ ଛେନା ଖଇ । ୧ ।

ପିତଳ ଖଡୁ,
ଭଦରକ ଯିବେ
କକା ଆମର
ଆଣିବେ ପାଲୁଅ ଲଡୁ । ୨ ।

କଅଁଳ ଛାଇ,
ପୀରହାଟ ଗଲେ
ଛେନା ମୁଡୁକି
ଭାଇ ଆଣିଦେବେ ଯାଇ । ୩ ।

ବାଉଁଶ ଗଳି,
ଯାଇଥିଲେ ମାମୁ
କେନ୍ଦେରାପଡ଼ା
ଆଣିଥିଲେ ରସାବଳି । ୪ ।

Digitized by srujanika@gmail.com

ବାଉଁଶ ଗଳି,
ଯାଇଥିଲେ ମାମୁ
କେନ୍ଦ୍ରାପଡ଼ା
ଆଣିଥିଲେ ରସାବଳି । ୫ ।

ରାବିଡ଼ି ସରା,
ଢେଙ୍କାନାଳ ଯାଇ
ଥରଟେ ଆମେ
ଖାଇଥିଲୁ ବଡ଼ ବରା । ୬ ।

ଧପଡ଼ ଧାଇଁ,
ଆମ ଓଡ଼ିଶାରେ
ଯେତେ ସୁଆଦ
ସଂସାର ଭିତରେ ନାହିଁ । ୭ ।

❑

Digitized by srujanika@gmail.com

କାଚ ବୋତଲରେ ନାଲିଆ ଠିପି

କାଚ ବୋତଲରେ
ନାଲିଆ ଠିପି
ଭାରି ଜକଜକ
ଚୂଳରେ ଟୋପି,
ବସି ଭାବଇ ;
ବୋତଲରୁ ବଡ଼
ମୁହିଁ ଅଟଇ ।

ଏଇ କଥା ଭାବି
ସୁନ୍ଦରୀ ଠିପି
ବୋତଲକୁ କହେ
ପାଟିକୁ ଚିପି,
ଶୁଣ ଏ ଥର ;
ମୁହିଁ ତୋ ମାଲିକ
ତୁ'ଟା ଚାକର ।

କହିଲା ବୁଝାଇ
କାଚ ବୋତଲ,
ତୁଇ ଏକାଥିଲେ
କି ହେବ ଭଲ,
ଏ କଥା ସତ ;
ଦୁହେଁ ମିଶି ଆମେ
କରୁଛେ ହିତ ।

Digitized by srujanika@gmail.com

ରାଗି କହେ ଠିପି
 ମୁହଁ ଫୁଲାଇ
ହୁଅନା ଆଉ ତୁ
 ଏତେ ଭଲେଇ,
ଆସନ ମୋର;
ସବୁବେଳେ ଥାଏ
 ମୁଣ୍ଡରେ ତୋର ।

କଥା କଟାକଟି
 ପଦକୁ ପଦ,
କାହୁଁ ପହଞ୍ଚିଲା
 ଆସି ବିପଦ,
ଦେଲା ପବନ;
 ବୋତଲ ପଡ଼ିଲା
ଠଣକ ଠଣ ।

ଭାଙ୍ଗିଲା ବୋତଲ
 ଠିପି ପଡ଼ିଲା,
ମାଲିକାଣୀ ଆସି
 ହାଜର ହେଲା,
ଦେଲା ଓଳେଇ;
ଠିପି ସହ କାଚ
 ଫିଙ୍ଗିଲା ନେଇ ।

ଯାଆଲୋ ଠିପି,
ବଡ଼ ବୋଲୋଉ ଥା
 ମୁହଁକୁ ଚିପି ।

Digitized by srujanika@gmail.com

ଗିରିଢ଼ି ମାରିଲା ଚଉଦ ଗଡ଼ା

ଏଇ ଗଛରେ ଗିରିଢ଼ି ଆମ୍ବ
ସେଇ ଗଛରେ ବଡ଼,
ସଭିଏଁ ଡରି ଥଅରହର
ଆସଇ ଯେବେ ଝଡ଼ ।

ଝଡ଼ ଆସିଲେ ଭୂଇଁ ଦୁଲୁକେ
ଭାଙ୍ଗଇ ଗଛ ଡାଳ,
ଆମ୍ବ ନା ଫାମ୍ବ ପଚାରେ କିଏ
ଉଡ଼େ ଛପର ଚାଳ ।

ଗିରିଢ଼ି ଦିନେ ଭାବିଲା ମନେ
ଜୀବନ ମୋର ଛାର,
ବଡ଼ ଆମ୍ବଠି ସବୁରି ଆଖି
ଆଦର ବେଶି ତାର ।

ଏତିକିବେଳେ ଆସିଲା ଝଡ଼
ଝାଙ୍କିଲା ଗଛ ଡାଳ,
ଦୁଉଲ୍ ଭୁସ୍ ପଡ଼ିଲେ ଆମ୍ବ
ହେଲେ ଛତରଛାଳ ।

Digitized by srujanika@gmail.com

ବଡ଼ ଆମ୍ବ ଫାଟି
ସତର ଫଡ଼ା,
ଗିରିଡ଼ି ମାଇଲା
ଚଉଦ ଗଡ଼ା,

କିଏ ଜଣେ କାହୁଁ
ଆସିଲା ଧାଇଁ,
ଗିରିଡ଼ିକୁ ଧରି
ଗଲା ପଳାଇ,
ଗିରିଡ଼ି କହିଲା କିଏରେ.... ?
ମଣିଷ କହିଲା ମୁଁରେ...... ।

Digitized by srujanika@gmail.com

ବଲ୍ ଗୋଟାକୁ ଛଅଟା ରନ୍

ସଚିନ୍ ଭାଇ
ସଚିନ୍ ଭାଇ,
ତୁମକୁ ଆମ ବଧେଇ,
ପାଚିଲାକୋଳି
ପରିକା ରନ୍
ଦେଉଛ କେତେ ଗଦେଇ । ୧ ।

ଅର୍ଜୁନ ପରି
ଲାଖ ତୁମର
ପାହାର ଭୀମ ପରିକା,
କ୍ରିକେଟ୍ ଖେଳ
କନ୍ହେଇ ତୁମେ
ଜାଣିଛ ତୁମେ ତରିକା । ୨ ।

Digitized by srujanika@gmail.com

ବ୍ୟାଟ୍ ତୁମର
କଲମ ପରି
ସତେ କି ଭଲ ଶବଦ,
ଲେଖିବା ତୁମେ
ଆରମ୍ଭ କଲେ
ପଢ଼ିଆ ସାରା ଜବଦ । ୩ ।

ଯେତେ ବାଣୁଆ
ବୋଲର ହେଉ
ଉଠିଲେ ତୁମ ପାହାର,
ଚଉକା ଛକା
ହେଇଲୁ ଛୁଟେ
କଲିଜା ଥରେ ତାହାର । ୪ ।

ବାପା ତୁମର
ନାହାନ୍ତି ଆଜି
ସେ ଦୁଃଖ ତୁମେ ଆଡ଼େଇ,
ଦେଶ ପାଇଁକି
ଖେଳିଲ ଯାଇ
ଗରବ ଦେଲ ବଢ଼େଇ । ୫ ।

Digitized by srujanika@gmail.com

ସଚିନ୍ ଭାଇ
ସଚିନ୍ ଭାଇ
ଆପଣା ତୁମେ ଆମର,
ମଣିମାଣିକ
ମୁକୁଟ ତୁମେ
ମହତ୍ ସାରା ଧାମର । ୬ ।
ବଲ୍ ଗୋଟାକୁ
ଛଅଟା ରନ୍...
ଥୁଲେଇ ଚଲା
ଧନାର୍ ଧନ୍ ।

(ଇଂଲଣ୍ଡରେ ବିଶ୍ୱକପ୍ କ୍ରିକେଟ୍ ଖେଳ ଚାଲିଥିଲାବେଳେ ସଚିନଙ୍କ ବାପା ରମେଶ ତେନ୍ଦୁଲକର ଆରପାରିକୁ ଚାଲିଗଲେ । ଶୁଦ୍ଧିକ୍ରିୟାପାଇଁ ସଚିନ୍ ଫେରିଆସିଲେ ଭାରତ । ମାତ୍ର ମାଆଙ୍କଠାରୁ ସାନ୍ତ୍ୱନା ଓ ନିର୍ଦ୍ଦେଶ ପାଇ ପୁଣି ଇଂଲଣ୍ଡ ଫେରିଯାଇ କେନିଆ ବିରୁଦ୍ଧରେ ଖେଳି ଅପରାଜିତ ୧୪୦ ରନ୍ କଲେ ।)

Digitized by srujanika@gmail.com

ସାବାସ୍ ସୌରଭ

ସେଦିନ ଖେଳ ଯେ
ଦେଖି ନାହିଁ,
ଖେଳ ମଜା କିସ
ଜାଣି ନାହିଁ,
ସୌରଭ ଗାଙ୍ଗୁଲି
ବ୍ୟାଟିଙ୍ଗ୍ ମାଷ୍ଟର;
ତାଙ୍କ ପରି କିଏ ଅଛି କାହିଁ ।

ଶ୍ରୀଲଙ୍କା ବୋଲର୍
ଭାଇମାନେ,
ମୁହଁ ଲୁଚାଇଲେ
ଅପମାନେ,
ବଙ୍ଗଳା ଶାର୍ଦ୍ଦୁଳ
ସୌରଭ ସାବାସ୍;
ବୋଲିକା ଶୁଭିଲା
କାନେ କାନେ ।

Digitized by srujanika@gmail.com

ଶହେ ତେୟାଅଶୀ
ଏକାଥରେ,
ଆଉ କିଏ ଅଛି
ଭାରତରେ,
ରଣନ୍ତୁଙ୍କାରି
ବାଟିଙ୍ଗ୍ କରିବ;
ଚଉକା ଛକ୍‌କା
ଅକାତରେ ।

ବାଉଁଲୀ ପାହାର
ସଟସାଟ,
ରନ୍ ବଢୁଥାଏ
ଫଟାଫାଟ,
ସୌରଭ ଭାଇନା
ବ୍ୟାଟ୍ ଆଗରେ;
ବଲ୍ ହେଉଥାଉ
ଛଟଛାଟ ।

ଖେଳ ଖାଲି ନୁହେଁ,
ମଜା କଥା,
କିଛି ହୁଏ ନାହିଁ
ଯଥା ତଥା,
ସଫଳତା ପାଇଁ

Digitized by srujanika@gmail.com

ମନମୁନ ଲୋଡ଼ା
ସୌରଭ ସେଥିକୁ
ସମରଥା ।
ସଉରଭ ଭାଇ
ନମସ୍କାର...
ତାଳିମାଡ଼ ନିଅ
ପୁରସ୍କାର ।

(୧୯୯୯ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ-ଶ୍ରୀଲଙ୍କା କ୍ରିକେଟ୍ ଖେଳରେ
ସୌରଭ ଗାଙ୍ଗୁଲି ୧୮୩ ରନ୍ କରିଥିଲେ ।)

Digitized by srujanika@gmail.com

ଲୁହ ନା ଫୁହ!

ଆମ କକେଇ,
ଆଖିରେ କଣ
        ଦେଲେ ପକେଇ
ବୁହାଇଲେ ବସି ଲୁହ;
ନ କାନ୍ଦି କେମିତି
        ଗଡ଼ିଲା ପାଣି
କିଏ ସେ କହିବ କୁହ? ।୧।

ରମେଶ ଭାଇ,
ହାଇ ମାରୁଥିଲେ
        କୁଆଡ଼େ ଚାହିଁ
ବହିଗଲା ଧାରେ ଲୁହ;
ମନ ଦୁଃଖ ନାହିଁ
        କଷ୍ଟ ବି ନାହିଁ
କେମିତି କାନ୍ଦିଲେ କୁହ? ।୨।

ଆମ ଦେଠେଇ,
ସେଦିନ ହସିଲେ
        ପେଟ ଫଟେଇ
ଆଖିରୁ ବୋହିଲା ଲୁହ;
କାନ୍ଦକୁନ୍ଦି ନାଇଁ
        ଆଖିରୁ ପାଣି
କାହିଁକି ଝରିଲା କୁହ? ।୩।

Digitized by srujanika@gmail.com

ଆମରି ଅଜା,
କିଏ କ୍ଷେ ସତେ କି
ଦେଇଛି ସଜା
ଡାହାଣ ଆଖିରୁ ଲୁହ;
ଚଷମା କାଢ଼ିଲେ
ତାଙ୍କ ଆଖିରୁ
କାହିଁକି ଝରୁଚି ଲୁହ ? । ୪ ।

ଲୁହ ପରିକା,
ଏଡ଼େ ସହଜରେ
ବୋହି ବୋହିକା
କିଏ ସେ ପାରିବ ଯାଇ;
କେବଳ କାନ୍ଦିଲେ
ଝରେନା ସିଏ
ମନେ ରଖିଥାଅ ଭାଇ । ୫ ।

ଲୁହ,
ଲୁହ ନା ଫୁହ
ବୋହି ଯାଉଥିଲେ ଯାଉ;
ହସିବୁ କାନ୍ଦିବୁ
ଖେଳିବୁ ଆମେ
ପାଟି କରି ହାଉହାଉ । ୬ ।

Digitized by srujanika@gmail.com

କାରଗିଲ ଯାଉ କାଳିଆଘୋଡ଼ା

ଜଗନ୍ନାଥ ତୁମେ
ଶୁଣ ଏଥର,
ରଥଯାତରାକୁ
ବାତିଲ୍ କର । ୧ ।
ରଥ ଛାଡ଼ି କଳା
ଘୋଡ଼ାରେ ବସ,
ପାଗ ଭିଡ଼ି ଆଜି
କମର କଷ । ୨ ।
କାଞ୍ଚି ଅଭିଯାନ
ବେଳର କଥା,
ଭାଳ ଆଜି ଟିକେ
ହେ ! ସମରଥା । ୩ ।
କଳାଧଳା ଘୋଡ଼ା
ଦି'ଭାଇ ଚଢ଼ି,
ଯାଇଥିଲେ ଦିନେ
ବିକଳ ପଡ଼ି । ୪ ।
ରଖିଥିଲ ପରା
ମାନ ଆମର,
ସେ କଥା କି ଆଜି
ଗଲା ପାସୋର । ୫ ।

Digitized by srujanika@gmail.com

ଆଜି ଏ କାଳରେ
ବିଦେଶୀ ଆସି,
କାର୍‌ଗିଲ ଠାରେ
ପଶିଚି ଧସି । ୬ ।
ସହିବୁନି ଆମେ
ନଇଁବୁ ନାଇଁ,
ବିଦେଶୀ ବଇରି
ଦେବୁ ଭଗାଇ । ୭ ।
ଏତେବେଳେ ଆସି
ହୁଅ ହେ ସାହା,
ଟେକିଦିଅ ତୁମ
ଆଜାନୁ ବାହା । ୮ ।
ବଇରି ଛାତିରେ
ଛନକା ପଶୁ,
ହାତରୁ ତୁମର
ଗୋଳା ବରଷୁ । ୯ ।
ଘୋଡ଼ାକୁ ତୁମର
ସଜିଲ୍ କର,
କମାଣ ସଜାଇ
ହୁଅ ବାହାର । ୧୦ ।
ଖାଉ...ଓ..ଡ଼ା,
ଖାଉ ଦୋଓଡ଼ା,
କାର୍‌ଗିଲ୍ ଯାଉ
କାଳିଆଘୋଡ଼ା । ୧୧ ।

Digitized by srujanika@gmail.com

ଟାଙ୍ଗରା ବାଙ୍ଗରା

ଟାଙ୍ଗରା ବାଙ୍ଗରା
ଦୁଇଟି ଭାଇ,
ଟାଙ୍ଗରା ଟହଲେ
ଟୋପର ନାଇ । ୧ ।
ବାଙ୍ଗରା ପିନ୍ଧଇ
ଢିଲା ଚପଲ,
ଟାଙ୍ଗରା ମୁଣ୍ଡରେ
ବୋଝେ ଅକଲ । ୨ ।
ବାଙ୍ଗରା ଦେହରେ
ବାଘର ବଳ,
ଦିନରାତି ଖଟେ
ସତେ କି କଳ । ୩ ।
ଟାଙ୍ଗରା ବାଙ୍ଗରା
ଆମ ଗାଆଁର,
ସଭିଏଁ କରନ୍ତି
ଟାହି ଟାପର । ୪ ।
ଟାପରା କଥାକୁ
ଶୁଣୁଚି କିଏ,
ପଡ଼ିଗଲେ କାନେ
ହସନ୍ତି ଦିହେଁ । ୫ ।
ଶୁଣରେ ଶୁଣ,
ଜାଣ ନ ଜାଣ,
ଟାଙ୍ଗରା ହୁଅ କି
ବାଙ୍ଗରା ହୁଅ,
ମଣିଷପଣିଆ
ପହିଲେ ଥୁଅ । ୬ ।

Digitized by srujanika@gmail.com

ଦୁଇ ଭାଗୁଆଳି ବେଲୁନ୍ ଏକ

ସେଲୁନ୍ ପାଖରେ
ବେଲୁନ୍‌ବାଲା,
ବେଲୁନ୍ ବେଲୁନ୍
ଢୁରି ଛାଡ଼ିଲା । ୧ ।

ଚକରା ମକରା
ଧାଇଁ ଆସିଲେ,
କିଣିବୁ କିଣିବୁ
ହାଉଳି କଲେ । ୨ ।

କିଣିବୁ କହିଲେ
କିଣୁଚି କିଏ,
ଗୋଟାଏ ଟଙ୍କାକୁ
ବେଲୁନ୍‌ଟିଏ । ୩ ।

ଚକରା ମକରା
ହୋଇଲେ ଘଣି,
ଖୋଜିଲେ ଆପଣା
ପେଏଣ୍ଟ ମୁଣି । ୪ ।

ସବୁ ମିଶି ହେଲା
ନବେ ପଇସା,
କହିଲେ ବେଲୁନ୍
ଦିଅ ମଉସା । ୫ ।

Digitized by srujanika@gmail.com

ବେଲୁନ୍‌ବାଲାଟି
        ବିଚାର କଲା,
ଗୋଟିଏ ବେଲୁନ୍
        ବଢ଼େଇ ଦେଲା । ୬ ।

ଚକରା କହିଲା
        ଦେଏରେ ମତେ,
ମକରା କହିଲା
        ଦଉଚି ତତେ । ୭ ।

ଦଉଚି ଦଉଚି
        ଦଉନୁ ଦିଏ,
ଲାଗିଗଲା ସେଠି
        ଝଗଡ଼ାଟିଏ । ୮ ।

ଦୁଇ ଭାଗୁଆଳି
        ବେଲୁନ୍ ଏକ,
ଲାଗିଗଲା ପାଲା
        ସଭିଏଁ ଦେଖ । ୯ ।

ଛଡ଼ିଆ ଛଡ଼ିରେ
        ବେଲୁନ୍ ଢୋଓ,
ଚକରା ମକରା
        ରଡ଼ିଲେ ଭୋଓ । ୧୦ ।

Digitized by srujanika@gmail.com

ଲେଖନ ଏବେ ଛାଡ଼

ଆମ ହାତରେ
କଲମ ଅଛି,
ଲେଖନ ତମ ହାତେ;
ତାଳପତର
ମିଳୁନି ଆଉ
ଲେଖିବ କେଉଁବାଟେ । ୧ ।

ତୁମେ ଧରିଛ
ବେସନ ଲଡୁ
ଆମ ହାତରେ ଦେଖ;
ଗୋଲାପୀ ଧଳା
ଆଇସକ୍ରିମ୍
ଚାଖିବ ଯଦି ଚାଖ । ୨ ।

Digitized by srujanika@gmail.com

ତୁମର ସିନା
　　ହାତୀର ମୁଣ୍ଡ
ଆମର ଅଛି ଟୋପି ;
ଆକାଶଚାରୀ
　　ଟୋପର ନାଇ
ଆକାଶେ ଯିବୁ ଖେପି । ୩ ।

କାଗଜ କାଳି
　　ପଛକୁ ରଖି
କମ୍ପିଉଟର ଧରି ;
ଦୁନିଆଯାକ
　　ପାଠକୁ ଆମେ
ଦେବୁ ଆୟତ୍ତ କରି । ୪ ।

ପାଠ ଦେବତା
　　ଗଣେଶ ପ୍ରଭୁ
ଲେଖନ ଏବେ ଛାଡ଼ ;
ଚେ ଚେଇଁଆ
　　ମୂଷିକଟାକୁ
ପାଖରୁ ତୁମ କାଢ଼ । ୫ ।

Digitized by srujanika@gmail.com

କମ୍ପିଉଟର
        କୋଳରେ ରଖି
ମାଉସ୍ ହାତେ ନିଅ ;
ଇଣ୍ଟରନେଟ୍
        ଲଗେଇ ପାଠ
ବଡେଇ ବେଗେ ଦିଅ । ୬ ।

ତୁମର ହେଉ ଜୟ,
ଅଜ୍ଞାନ ଅମା
        ଉଭେଇ ଯାଉ
ହଟୁ'ହେ ପାଠ ଭୟ । ୭ ।

Digitized by srujanika@gmail.com

ନ କର ଆଉ ରଡ଼ି

ବଡ଼ ବିଷମ
ଲାଗୁଛି ଏବେ
ସବୁଠି ପାଟି ଗୋଳ;
ଭୋଅଟ ମତେ
ଦିଅ ବୋଲିକା
ସବୁଠି ଶୁଭେ ରୋଳ । ୧ ।

କାହାର ଚିହ୍ନ
ଚଢ଼େଇ ଛୁଆ
କାହାର ଧନୁଶର;
କାହାର ପୁଣି
ମଶାଲ ଚିହ୍ନ
କାହାର ଚାଳଘର । ୨ ।

Digitized by srujanika@gmail.com

କିଏ କହୁଚି
ଗରିବପାଇଁ
ସାଜିଛି ମୁହିଁ ନେତା ;
ଲୋକଙ୍କ ଦୁଃଖ
ଦେଖିଲେ କା'ର
ବୁଡ଼ିଯାଉଛି ଚେତା । ୩ ।

ବାଛିବେ ଲୋକ
ନେତାଙ୍କ ଗୋଠ
ଗଢ଼ିବେ ସରକାର ;
ଭୋଅଟ୍ ଲଢ଼େଇ
ଜିତିବା ପାଇଁ
ଭୋଟ୍ ଦରକାର । ୪ ।

ପିଲା ବୋଲିକା
ଭୋଅଟ୍ ଦେବା
ନୁହଁଇ ଆମ କାମ ;
ଅଠର ଯେବେ
ପୂରିବ ତେବେ
ଜାଣିବୁ ତା'ର ଦାମ । ୫ ।

Digitized by srujanika@gmail.com

ଇସ୍କୁଲ ଆମ
ଦଖଲ ହୁଏ
ଆସିଲେ ଭୋଟ୍ ବେଳ ;
ଭୋଟ୍ ଯାତରା
ଲାଗଇ ସେଠି
ଚାଲଇ ଭୋଟ୍ ଖେଳ । ୬ ।

ଭୋଅଟ୍ ଦିଅ ଭାଇ ;
ଫି' ବରଷ
ଭୋଅଟ୍ ପାଲା
ଲଗାଅ ଆଉ ନାହିଁ ।

ନ କର ଆଉ ରଡ଼ି ;
ଶୁଣି ଶୁଣିକା
ଅବୁଝା କଥା
କାନ ଗଲାଣି ପଡ଼ି । ୭ ।

Digitized by srujanika@gmail.com

କହରେ ଗୋପାଳ ଗୋପି

ଚଉକିଟିଏ,
ଚଉକି ଉପରେ
ମଣିଷଟିଏ,
ମଣିଷ ମୁଣ୍ଡରେ ଟୋପି;
କିଏ ସେ ବସିଚି
କାହା ଉପରେ,
କହରେ ଗୋପାଳ ଗୋପି । ୧ ।

ମଣିଷ ଭାଇ
ଚଉକି ଉପରେ
ଦେହଟି ଥୋଇ,
ଭାବେ ସେ ଖାଉଚି ଖଜା;
ଟୋପି ବି ରହି
ମୁଣ୍ଡରେ ତା'ର
ବୋଲେ ମୁଁ ଅସଲ ରଜା । ୨ ।

Digitized by srujanika@gmail.com

ଚଉକି ମଜା,
ମଜା ନୁହେଁ ସେ ତ
ଚଉକି ସଜା,
ସେଥିରେ ବସିଲା ଯିଏ;
ମଥାରେ ତାହାର
ଟୋପିର ବୋଝ
ବୋଝ ବୋହି ଦିନ ନିଏ । ୩ ।

ଯେଉଁଠି ବସ,
ଚଉକି ନ ଥିଲେ,
ନ ଭୁଲ ହସ,
ଟୋପି ନ ମିଳିଲେ ନାହିଁ;
ମଣିଷପଣିଆ
ସବୁଠୁ ଆଗ
ଆଉ ସବୁ ପଛ ଭାଇ । ୪ ।

ଟୋପି ବୋଲେ ହୁଁ,
ଚଉକିବୋଲେ ହୁଁ,
ମଣିଷ ସେଠି
ଥାଇ ବୋଲୁଚି
ତୁମରି ମାଲିକ ମୁଁ । ୫ ।

Digitized by srujanika@gmail.com

ଥୁକୁଲୁ ଥାକୁଲୁ ଭାଲୁ

ଥୁକୁଲୁ ଥାକୁଲୁ ଭାଲୁ ;
ଭାଲୁର ଦେହଟି
ଭାରି ଖରାପ
କାନ୍ଦଇ ହାଆଲୁ ହାଲୁ ।

ଭାଲୁକୁ ହେଇଚି ଜର ;
ବଇଦ ଦେଲେଣି
ଜର ଓଷଦ
ଛାଡ଼ିଯିବ ଜର ଫର ।

ଭାଲୁକୁ ଧରିଚି କାଶ ;
ପାଣିରେ ବୁଡ଼ିଲା
ବୁଢ଼ା ବିଚରା
ଚାଲିଚି ବରଷାମାସ ।

Digitized by srujanika@gmail.com

ଭାଲୁର ଖରାପ ପେଟ;
କୋଉଠୁ ଖାଇଲା
କେଜାଣି କିସ
ହଉଚି ଛଅଟପଟ ।

ଭାଲୁକୁ ଘରକୁ ନିଅ;
ଘୋଡ଼େଇ ଘାଡ଼େଇ
ଶୁଆଇ ଦିଅ
ଭଲ ହୋଇଯିବ ଦିହ ।

କାଲିକି ନାଚିବ ଭାଲୁ;
ଅଣ୍ଟାରେ ଘାଗୁଡ଼ି
ପାଦେ ପାଉଞ୍ଜି
ଥୁକୁଲୁ ଥାକୁଲୁ ଥାଲୁ ।

Digitized by srujanika@gmail.com

"**ଛୁନୁର ଛବିତା ବହି**" ଗୋଟିଏ ଶିଶୁଗୀତ ସଂକଳନ । ଏଥିରେ ପ୍ରତିଟି ଗୀତ ଶିଶୁମନର ଭାବନା ଓ କଳ୍ପନାକୁ ନେଇ ଲିଖିତ । ଭାଷା ସରଳ ଓ ବିଷୟବସ୍ତୁ ମଧ୍ୟ ବେଶ୍ ସହଜ ।

ଦାଶ ବେନହୁର, ଓଡ଼ିଆ ସାହିତ୍ୟର ଏକ ଜଣାଶୁଣା ନାମ । ଶିଶୁ-କିଶୋରମାନଙ୍କ ପାଇଁ ଲିଖିତ ତାଙ୍କର ପ୍ରତିଟି ସୃଷ୍ଟିରେ ଉଭୟ ଆନନ୍ଦ ଓ ଆଲୋକର ସମ୍ମିଶ୍ରଣ ବେଶ୍ ମନଛୁଆଁ । ବାଳୁତ ଜୀବନର ବିସ୍ତାରିତ ସବୁଜ ଇଲାକାରେ ଉଙ୍କିମାରୁଥିବା ଅସୁମାରି ପ୍ରଶ୍ନ ହିଁ ତାଙ୍କ ଲେଖକୀୟ ବାସ୍ତବତାକୁ ପ୍ରେରଣା ପ୍ରଦାନ କରେ ।

ସାଂପ୍ରତିକ ଠିକଣାଃ
"କଥାକାର", ୬ମ-୧୬୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧

କାଞ୍ଚନ, ଗଜପତି ନଗର,
ସୁତାହାଟ, କଟକ-୭୫୩୦୦୧

ISBN 978-81-86475-70-6

Digitized by srujanika@gmail.com